# ECHO OF HIS CALL

# ଆହ୍ୱାନର ପ୍ରତିଧ୍ୱନି

**ODIA**

*India's National Spiritual Newspaper*

₹ 10/-

1969 TO 2029 ECHO OF HIS CALL SINCE 1969

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

**Vol. XXVIII** YEAR OF OUR LORD JESUS CHRIST, 2026 AUGUST **No.06**


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୩୬:୧-୧୦)

୧ ସଦାପ୍ରଭୁଙ୍କର ଧନ୍ୟବାଦ କର ; କାରଣ ସେ ମଙ୍ଗଳମୟ; କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

୨ ଦେବମାନଙ୍କ ଦେବଙ୍କର ଧନ୍ୟବାଦ କର; କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

୩ ପ୍ରଭୁମାନଙ୍କ ପ୍ରଭୁଙ୍କର ଧନ୍ୟବାଦ କର ; କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

୪ ସେ ମହତ୍ ମହତ୍ ଆଶ୍ଚର୍ଯ୍ୟକର୍ମ କରିବାରେ ଅଦ୍ୱିତୀୟ, ତାହାଙ୍କର (ଧନ୍ୟବାଦ କର ;) କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

୫ ସେ ବୁଦ୍ଧିରେ ଆକାଶମଣ୍ଡଳ ନିର୍ମାଣ କଲେ; ତାହାଙ୍କର (ଧନ୍ୟବାଦ କର ;) କାରଣ ତାହାଙ୍କର ଦୟା ଅନନ୍ତକାଳସ୍ଥାୟୀ ।

୬ ସେ ଭୂମଣ୍ଡଳକୁ ଜଳରାଶି ଉପରେ ବିସ୍ତାର୍ଣ୍ଣ କଲେ; ତାହାଙ୍କର (ଧନ୍ୟବାଦ କର ;) କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

୭ ସେ ମହାଜ୍ୟୋତିର୍ଗଣ ନିର୍ମାଣ କଲେ, ତାହାଙ୍କର (ଧନ୍ୟବାଦ କର ;) କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

୮ ଦିବସରେ କର୍ତ୍ତୃତ୍ୱ କରିବା ପାଇଁ ସୂର୍ଯ୍ୟକୁ (ନିର୍ମାଣ କଲେ ସେ;) କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

୯ ରାତ୍ରିରେ କର୍ତ୍ତୃତ୍ୱ କରିବା ପାଇଁ ଚନ୍ଦ୍ର ଓ ତାରାଗଣ (ନିର୍ମାଣ କଲେ ସେ;) କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

୧୦ ପ୍ରଥମଜାତମାନଙ୍କୁ (ସଂହାର କରିବା ଦ୍ୱାରା) ମିସରକୁ ଆଘାତ କଲେ ସେ; କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।



## ଖ୍ରୀଷ୍ଟଙ୍କ ନିମନ୍ତେ ଏକ ଉତ୍ତମ ସୈନିକ ହେବା ପାଇଁ ଆପଣଙ୍କୁ ଆହ୍ୱାନ କରାଯାଉଛି ।

**You are called to be a good SOLDIER FOR CHRIST!**

ଭଉଣୀ ଆଞ୍ଜେଲାରର୍



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ଆମର ପୁନରୁତ୍ଥିତ, ରାଜତ୍ୱକାରୀ ଓ ଅତିଶୀଘ୍ର ଆଗମନ କରୁଥିବା ରାଜାଙ୍କର ବହୁମୂଲ୍ୟ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛି ।

ଆମର ପ୍ରତିଷ୍ଠାତା, ପାଳକ ଏସ୍.ସାମ୍.ସେଲଭାରାଜ ଓ ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟର କର୍ମଚାରୀ ଓ ବିଶ୍ୱସ୍ତ ସହାୟକାରୀମାନଙ୍କ ପକ୍ଷରୁ, ଏହି ଆନନ୍ଦପୂର୍ଣ୍ଣ ଓ ଆଶୀର୍ବାଦଯୁକ୍ତ ୮୦ତମ ସ୍ୱାଧୀନତା ଦିବସ ପାଇଁ ପ୍ରତ୍ୟେକ ଭାରତୀୟଙ୍କୁ ଆମର ଆନ୍ତରିକ ଓ ଅତି ଗଭୀର ଶୁଭେଚ୍ଛା ଜଣାଉଅଛୁ ।


ଏହି ଐତିହାସିକ ଘଟଣାଟି ଆମେ ପାଇଥିବା ସ୍ୱାଧୀନତାକୁ ଧରି ରଖିବା ପାଇଁ, ଆମ ମଧ୍ୟରେ ଏକତାର ବନ୍ଧନକୁ ସୁଦୃଢ଼ କରିବା ପାଇଁ ଓ ଆମର ପ୍ରିୟ ଦେଶ ନିମନ୍ତେ ଏକ ଉଜ୍ଜ୍ୱଳତର, ଶାନ୍ତିପୂର୍ଣ୍ଣ ଓ ଆଶାପୂର୍ଣ୍ଣ ଭବିଷ୍ୟତ ଦିଗରେ ଏକତ୍ର କାର୍ଯ୍ୟ କରିବାର ପ୍ରେରଣା ଦେବା ପାଇଁ ଆମକୁ ସ୍ମରଣ କରାଇ ଦେଉ ।

ଆମେ ଆମ ଦେଶର ସ୍ୱାଧୀନତାକୁ ପାଳନ କରୁଥିବା ସମୟରେ, ଆମର ହୃଦୟ ସେହି ସାହସୀ ଲୋକମାନଙ୍କର ଅସଂଖ୍ୟ ବଳିଦାନ ପ୍ରତି ଆମର ହୃଦୟକୁ ସ୍ୱାଭାବିକଭାବେ କୃତଜ୍ଞତାରେ ଭରିଦିଏ ଯେଉଁମାନେ ଆମର ସ୍ୱାଧୀନତା

(ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)


## ଆହ୍ୱାନର ପ୍ରତିଧ୍ୱନି

ଖ୍ରୀଷ୍ଟିଆନ ୟୁ-ଟ୍ୟୁବ୍ ଚ୍ୟାନେଲ !



ପାଳକ ଏସ୍. ସାମ୍. ସେଲଭାରାଜ୍‌ଙ୍କ

ପ୍ରତିଦିନ ୨ ମିନିଟ୍‌ର ବାର୍ତ୍ତା

ଇଂରାଜୀ, ହିନ୍ଦୀ ଭାଷା – ସକାଳ ୧.୦୦ ଘଟିକା,

ତାମିଲ ଏବଂ ତେଲୁଗୁ ଭାଷା – ସକାଳ ୨.୦୦ ଘଟିକା

ଓ

ତାମିଲ, ଇଂରାଜୀ ବାର୍ତ୍ତା ଓ ପ୍ରାର୍ଥନା

ରବିବାର ଉପାସନା – ସକାଳ ୮.୩୦ ଏବଂ ସନ୍ଧ୍ୟା ୬.୦୦ ରେ

ଯଦି ଆପଣ ଆଶୀର୍ବାଦ ପାଉଛନ୍ତି, ତେବେ ଦୟାକରି ଏହାର ସଭ୍ୟ ହୁଅନ୍ତୁ ।
ଆପଣ ଯେଉଁମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ଏ ବିଷୟରେ କଣାନ୍ତୁ ।

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

''ଯେଉଁମାନେ ଆଚରଣରେ ସିଦ୍ଧ, ଯେଉଁମାନେ ସଦାପ୍ରଭୁଙ୍କ ବ୍ୟବସ୍ଥାନୁସାରେ ଚାଲନ୍ତି, ସେମାନେ ଧନ୍ୟ'' (ଗୀତସଂହିତା ୧୧୯:୧) ।



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ଆଶ୍ଚର୍ଯ୍ୟଜନକ ନାମରେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିବାଦନ ଜଣାଉଅଛୁ ।

ଆପଣମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ ଅଟନ୍ତି । ସେ ଆପଣମାନଙ୍କର ଗୌରବମୟ ଭବିଷ୍ୟତ୍ ନିମନ୍ତେ ନୂତନ ଦ୍ୱାର ଓ ସୁଯୋଗଗୁଡ଼ିକୁ ଉନ୍ମୁକ୍ତ କରିବେ । ଆମେ ଯେପରି କହୁଛୁ, ସେହିପରି ପ୍ରତ୍ୟେକ ପରିସ୍ଥିତିରେ ତାଙ୍କୁ ବିଶ୍ୱାସ କରିପାରିବା । କିନ୍ତୁ, ଆମକୁ ସଦାପ୍ରଭୁଙ୍କ ସମ୍ମୁଖରେ ବିଶ୍ୱସ୍ତ ଭାବରେ ଗମନାଗମନ କରିବା ପାଇଁ ସତର୍କ ହେବାକୁ ପଡ଼ିବ ।

''ମୁଁ ସଦାପ୍ରଭୁଙ୍କ ସାକ୍ଷାତ୍‌ରେ ଜୀବିତମାନଙ୍କ ଦେଶରେ ଗମନାଗମନ କରିବି''
(ଗୀତସଂହିତା ୧୧୬:୯) ।

ଆମେ ଏହା ବୁଝିଅଛୁ ଯେ ପରବର୍ତ୍ତୀ ବର୍ଷର ଆରମ୍ଭରୁ ଆମକୁ ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକାର ପ୍ରତ୍ୟେକ ନକଲ ନିମନ୍ତେ ଟ. ୨.୦୦ଙ୍କା (ଦୁଇ ଟଙ୍କା) ଡାକ ଖର୍ଚ୍ଚ ଦେବାକୁ ପଡ଼ିପାରେ । ଏହା ଆମର ସେବାକାର୍ଯ୍ୟ ଉପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ସଙ୍କଟ ଆଣିପାରେ । ଈଶ୍ୱର ଯେପରି ''ଆହ୍ୱାନର ପ୍ରତିଧ୍ୱନି'' ଭଳି ନାମିକଭାବେ ପଞ୍ଜିକୃତ ହୋଇଥିବା ପତ୍ରିକାଗୁଡ଼ିକ ପାଇଁ ବର୍ତ୍ତମାନର ଡାକ ମୂଲ୍ୟ ବଜାୟ ରଖିବା ନିମନ୍ତେ ଆମର ସମ୍ମାନୀୟ ଯୋଗାଯୋଗ ମନ୍ତ୍ରୀ ଓ ଭାରତର ସମ୍ମାନୀୟ ପ୍ରଧାନମନ୍ତ୍ରୀଙ୍କ ହୃଦୟରେ କାର୍ଯ୍ୟ କରିବେ, ସେଥିପାଇଁ ଆମେ ନମ୍ର ଭାବରେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ । ଈଶ୍ୱର ଆମର ସମ୍ମାନୀୟ ପ୍ରଧାନମନ୍ତ୍ରୀଙ୍କୁ ଓ ତାଙ୍କର ଟିମ୍‌କୁ ଉତ୍ତମ ସ୍ୱାସ୍ଥ୍ୟ, ଜ୍ଞାନ ଓ ଦୀର୍ଘାୟୁ ଦେଇ ଆଶୀର୍ବାଦ କରନ୍ତୁ ।

ଈଶ୍ୱର ୨୦୨୬ ଜୁଲାଇ ୪ ତାରିଖରେ, ଆମର ନିହିମିୟା ବାଇବଲ କଲେଜର ୨୬ ତମ ଉପାଧି ପ୍ରଦାନ କାର୍ଯ୍ୟକ୍ରମ ଉପରେ ଆଶୀର୍ବାଦ କରିଥିଲେ । ୩୭ ଜଣ ଛାତ୍ର ଛାତ୍ରୀ ସ୍ନାତକ ଉପାଧି ପାଇଥିଲେ ଓ ଈଶ୍ୱରଙ୍କର



ଆମ ନିହିମିୟା ବାଇବଲ କଲେଜର ୨୬ତମ ଉପାଧି ପ୍ରଦାନ ସମାରୋହ ।

ଗୌରବମୟ ସେବାକାର୍ଯ୍ୟ ପାଇଁ କୃତକାର୍ଯ୍ୟ ହୋଇଥିଲେ । ସେମାନଙ୍କୁ ବର୍ତ୍ତମାନ ପ୍ରଚାରକ , ପାଳକ ଭାବରେ ଓ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟର ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପ୍ରେରଣ କରାଯାଇଛି ।

ଈଶ୍ୱରଙ୍କର ଜଣେ ମହାନ୍ ଦାସ ଓ ଅତି ଉତ୍ତମ ସୁସମାଚାର ପ୍ରଚାରକ ଓ ''ଆହ୍ୱାନର ପ୍ରତିଧ୍ୱନି'' ମାଲାୟଲାମ ଭାଷାର ସହଯୋଗୀ ସଂପାଦକ ଭାଇ ବେଞ୍ଜାମିନ୍ ମୋଜେସ୍ ନିଜର ପ୍ରିୟତମା ପତ୍ନୀ ଶ୍ରୀମତୀ ପ୍ରମିଳା ବେଞ୍ଜାମିନ୍‌ଙ୍କ ସହିତ ଆମର ମୁଖ୍ୟ କାର୍ଯ୍ୟାଳୟକୁ ଆସିଥିଲେ ଓ ଆମ ସହିତ ଏକ ସୁନ୍ଦର ସହଭାଗିତା କରିଥିଲେ । ଆମେ ସେମାନଙ୍କ ନିମନ୍ତେ ଈଶ୍ୱରଙ୍କଠାରେ କୃତଜ୍ଞ ଅଟୁ ।

HON. EDITOR-IN-CHIEF
Rev. Dr. Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Sis. Sajini Cherian
Rev. Dr. J. John Rajarathnam, B.E.S., B.D., M.Th.
Rev. Dr. K.R. Rajasekaran
Adv. N. Balaji, B.Com., M.L.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293
Cell : (+91) 98410 71852, 98412 71858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call



ପ୍ରଚାରକ ବେଞ୍ଜାମିନ ମୋଜେସ୍, ସହଯୋଗୀ ସଂପାଦକ (ମାଲାୟଲାମ) ଓ ପରିବାର

ଭାରତ ପ୍ରାୟ ୧୫୦ କୋଟୀ ଲୋକ ସଂଖ୍ୟା ସହିତ ଗୋଟିଏ ବଡ଼ ଗଣତାନ୍ତ୍ରିକ ଦେଶ ଅଟେ । ପରିସଂଖ୍ୟାନ ଏହା ଦର୍ଶାଉଅଛି ଯେ ଖ୍ରୀଷ୍ଟିୟାନମାନେ ଲୋକ ସଂଖ୍ୟାର ପ୍ରାୟ ୨ ପ୍ରତିଶତ ଅଟନ୍ତି । ସେଥିପାଇଁ, ଯେଉଁମାନେ ସୁସମାଚାର ଜାଣି ନାହାନ୍ତି, ସେମାନଙ୍କ ନିକଟରେ ସୁସମାଚାର ପହଞ୍ଚାଇବା ପାଇଁ ଆମ ନିକଟରେ ଗୋଟିଏ ବଡ଼ ଦାୟିତ୍ୱ ଅଛି ।

ଯଦି ଆପଣ ଏହି ବାର୍ତ୍ତାକୁ ପଢ଼ିବା ସମୟରେ, ଯଦି ପ୍ରଭୁ ଆପଣଙ୍କର ହୃଦୟରେ କଥା କହନ୍ତି ଓ ଏହି ସେବାକାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଆପଣଙ୍କୁ ଚାଳନା ଦିଅନ୍ତି, ତେବେ ତାଙ୍କର ଚାଳନା ଅନୁସାରେ କାର୍ଯ୍ୟ କରିବା ପାଇଁ ଆମେ ଆପଣମାନଙ୍କୁ ଉତ୍ସାହିତ କରୁଅଛୁ । ଦୟାକରି ଆପଣମାନଙ୍କ ପ୍ରାର୍ଥନାରେ ଆପଣମାନଙ୍କର ସ୍ଥାନୀୟ ପାଳକ ଓ ପ୍ରଚାରକମାନଙ୍କୁ ସ୍ମରଣ କରନ୍ତୁ ଓ ପ୍ରଭୁ ଆପଣମାନଙ୍କୁ ଦେଇଥିବା ସାମର୍ଥ୍ୟ ଅନୁସାରେ ସେମାନଙ୍କୁ ସାହାଯ୍ୟ କରନ୍ତୁ । ଆମେ ଆପଣମାନଙ୍କ ନିମନ୍ତେ ନିରନ୍ତର ପ୍ରାର୍ଥନା କରୁଅଛୁ ଓ ଈଶ୍ବର ଯେପରି ଆପଣମାନଙ୍କୁ ବହୁଳଭାବରେ ଆଶୀର୍ବାଦ କରିବେ, ଏଥିପାଇଁ ନିବେଦନ କରୁଅଛୁ ।

"... ଶସ୍ୟ ଯିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ, ଏଣୁ ଆପଣା ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇ ଦେବା ନିମନ୍ତେ ଶସ୍ୟ କ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର" (ମାଥିଉ ୯:୩୭-୩୮) ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ପାଳକ ଏସ୍.ସାମ୍.ସେଲ୍ଭାରାଜ

E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପାଇଁ ସେମାନଙ୍କର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ସେମାନଙ୍କର ସାହସ, ଧୈର୍ଯ୍ୟ ଓ ଅଟଳ ସମର୍ପଣ ଏପରି ମୂଳଦୁଆରେ ପରିଣତ ହୋଇଥିଲା । ଯାହା ଉପରେ ଆମର ସ୍ୱାଧୀନତା ନିର୍ମିତ ହୋଇଥିଲା । ପ୍ରାୟ ୮୦ ବର୍ଷ ପୂର୍ବରୁ ସେହି ଲୋକମାନଙ୍କର ବଳିଦାନ ଆଜି ଆମେ ଉପଭୋଗ କରୁଥିବା ସ୍ୱାଧୀନତାର ମୂଲ୍ୟ ପରିଶୋଧ କରିଥିଲେ । ସେମାନଙ୍କ ରକ୍ତ ରୂପକ ବିହନରୁ ଆମ ଦେଶର ସ୍ୱାଧୀନତା ପ୍ରସ୍ଫୁଟିତ ହୋଇଥିଲା ।

ଏହା ମୋତେ ଆହୁରି ଏକ ଶ୍ରେଷ୍ଠତର ବଳିଦାନ – ୨୦୦୦ ବର୍ଷ ପୂର୍ବେ କାଲ୍‌ଭରୀର କ୍ରୁଶ ଉପରେ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବଳିଦାନ ବିଷୟ ସ୍ମରଣ କରାଇ ଦିଏ । ତାଙ୍କର ବହୁମୂଲ୍ୟ ରକ୍ତ ଆମ ପାଇଁ ବହୁଗୁଣରେ ଏକ ଶ୍ରେଷ୍ଠତର ଓ ଅନନ୍ତକାଳୀନ ମୁକ୍ତି କ୍ରୟ କରିଥିଲା – ଅର୍ଥାତ୍, ଆମେ ତଦ୍ୱାରା ପାପ, ରୋଗ, ନିଶାସକ୍ତି, ଆତ୍ମିକ ଦାସତ୍ୱ ଓ ବଂଶଗତ ଅଭିଶାପରୁ ମୁକ୍ତି ପାଇଅଛୁ ।

ଈଶ୍ବରଙ୍କ ବାକ୍ୟ ଘୋଷଣା କରେ :

"ସେ ଆମ ପାଇଁ ଅଭିଶପ୍ତ ହୋଇଥିଲେ" (ଗାଲାତୀୟ ୩:୧୩) ।

ତାଙ୍କ ବଳିଦାନ ମାଧ୍ୟମରେ, ଆମେ ଅନ୍ଧକାର ମଧ୍ୟରୁ ଉଦ୍ଧାର ପାଇ, ତାଙ୍କର ଆଶ୍ଚର୍ଯ୍ୟଜନକ ଆଲୋକ ମଧ୍ୟକୁ ଅଣା ଯାଇଅଛୁ । ଯୀଶୁ ଖ୍ରୀଷ୍ଟ ନିଜେ କହିଥିଲେ :

"... ତୁମ୍ଭେମାନେ ସତ୍ୟ ଜାଣିବ, ଆଉ, ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ" (ଯୋହନ ୮:୩୨) ।

ଈଶ୍ବରଙ୍କର ପ୍ରଶଂସା ହେଉ – ଆମେ ପ୍ରକୃତରେ ଯୀଶୁ ଖ୍ରୀଷ୍ଟଙ୍କଠାରେ ସ୍ୱାଧୀନ ଅଟୁ ।

ଯୀଶୁ ଖ୍ରୀଷ୍ଟ ଓ ଝଡ଼

ମାର୍କ ୪ ଅଧ୍ୟାୟରେ, ଆମେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଏକ ଶକ୍ତିପୂର୍ଣ୍ଣ ବିବରଣୀ ପଢ଼ୁ । ଯୀଶୁ ନୌକା ଉପରେ ନିଦ୍ରିତ ଥିବା ସମୟରେ, ତାଙ୍କର ଶିଷ୍ୟମାନେ ଏକ ଭୟଙ୍କର ଝଡ଼ର ସମ୍ମୁଖୀନ ହୋଇଥିଲେ । ଅତି ଭୟଭୀତ ହୋଇ ସେମାନେ ତାଙ୍କୁ ଉଠାଇଲେ ଓ ଚିତ୍କାର କଲେ ।

"ହେ ଗୁରୁ, ଆମେ ମଲୁ, ଆପଣଙ୍କର କଅଣ ଚିନ୍ତା ନାହିଁ ?"

ଯୀଶୁ ଖ୍ରୀଷ୍ଟ ନିଦ୍ରାରୁ ଜାଗ୍ରତ ହେଲେ, ପବନ ଓ ସମୁଦ୍ରକୁ ଧମକ ଦେଲେ ଓ ଏହାପରେ ନିଜର ଶିଷ୍ୟମାନଙ୍କୁ ସେମାନଙ୍କର ଅଳ୍ପ ବିଶ୍ୱାସ ବିଷୟରେ ଭର୍ତ୍ସନା କରିଥିଲେ । ସେମାନେ ସୃଷ୍ଟି ଉପରେ ତାଙ୍କର କର୍ତ୍ତୃତ୍ୱ ଦେଖି ଭୟରେ ପରିପୂର୍ଣ୍ଣ ହୋଇଥିଲେ ।

ମାର୍କ ୪:୩୬ରେ ଲେଖାଯାଇଛି,

"... ସେ ଯେପରି ଥିଲେ, ସେହିପରି ତାହାଙ୍କୁ ନୌକାରେ ସାଙ୍ଗରେ ଘେନିଗଲେ ..."

ଯୀଶୁ ଖ୍ରୀଷ୍ଟ ନିରନ୍ତର ସେବାକାର୍ଯ୍ୟ କରୁଥିଲେ । ସେ ଶାରୀରିକ ଭାବେ କ୍ଲାନ୍ତ ଓ ମାନସିକ ଭାବରେ ଶ୍ରାନ୍ତ ଥିଲେ । ସେ ଲୋକ ସହଳିଠାରୁ ଦୂରେଇ ଯାଇ, ନିଜ ଶିଷ୍ୟମାନଙ୍କ ସହିତ ଚାରିବରେ କିଛି ସମୟ ପାଇଁ ବିଶ୍ରାମ ଆବଶ୍ୟକ କରୁଥିଲେ ।

"ସେ ଯେପରି ଥିଲେ", ଅର୍ଥାତ୍ ସେ କ୍ଲାନ୍ତ ଓ କ୍ଷୀଣ ଥିଲେ ଓ ବିଶ୍ରାମ ଆବଶ୍ୟକ କରୁଥିଲେ । ପୁଣି ଶିଷ୍ୟମାନେ ତାଙ୍କୁ ସେହିପରି ଅବସ୍ଥାରେ ସାଙ୍ଗରେ ନେଇଥିଲେ । ନୌକାଟି ଯାତ୍ରାରମ୍ଭ କରିବା ମାତ୍ରେ, ଯୀଶୁ ଶୋଇ ପଡ଼ିଥିଲେ ।

ଆମ ମଧ୍ୟରୁ ଅନେକେ ଏହା ସହିତ ସଂପୃକ୍ତ ଅଟନ୍ତି । ଦିନର ସମସ୍ତ ପରିଶ୍ରମ, ପ୍ରଚାର, ଦାୟିତ୍ୱ ପାଳନ କିମ୍ବା





## ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତରେ "ଆହ୍ୱାନର ପ୍ରତିଧ୍ୱନି"କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

ଚାକିରୀ, ପରେ ଆମେ ଏକ ନୀରବ, ଶାନ୍ତ ସ୍ଥାନ ଦେଖିବା ମାତ୍ରେ କ୍ଳାନ୍ତି ଆମକୁ ଭାରାକ୍ରାନ୍ତ କରିଦିଏ ।

ତଥାପି ଏହି ପଦ ଭିତରେ ଗୋଟିଏ ଛୋଟ ଅଥଚ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛି ଯାହାକୁ ପ୍ରାୟ ଅଣଦେଖା କରାଯାଏ – ଏକ ଗଭୀର ଆତ୍ମିକ ପରିପ୍ରକାଶ ।

"ପୁଣି ଅନ୍ୟାନ୍ୟ ନୌକା ମଧ ତାହାଙ୍କ ସହିତ ଥିଲା ।"

କେବଳ ମାର୍କ ଏହି ବିଷୟକୁ ଲିପିବଦ୍ଧ କରିଛନ୍ତି । ମାର୍କ ସୁସମାଚାରରେ ଅନେକ ସ୍ପଷ୍ଟ ଚାକ୍ଷୁସ ବର୍ଣ୍ଣନା ରହିଛି ଓ ବିଶ୍ୱାସ କରାଯାଏ ଯେ ଏହା ପିତର ନାମକ ଜଣେ ମାଛ ଧରାଳୀ ଓ ଯୀଶୁଙ୍କର ଜଣେ ଅତି ଘନିଷ୍ଠ ଶିଷ୍ୟଙ୍କର ବର୍ଣ୍ଣନା ଅନୁସାରେ ଲେଖା ଯାଇଥିଲା ।

ମାର୍କ ଅସାଧାରଣ ଭାବରେ ଅନେକ ଛୋଟ ଛୋଟ ବିଷୟ ଲିପିବଦ୍ଧ କରିଛନ୍ତି । ଯଥା –

* ଯୀଶୁ ଖ୍ରୀଷ୍ଟ ଏକ ପୁତୁଳା (ତକିଆ) ଉପରେ ମୁଣ୍ଡ ରଖି ଶୋଇଥିଲେ (ମାର୍କ ୪:୩୮) ।
* ପାଞ୍ଚ ହଜାର ଲୋକଙ୍କୁ ଭୋଜନ କରାଇବା ସମୟରେ କଅଁଳ ଘାସ (ମାର୍କ ୬:୩୯) ।
* ଶହ ଶହ ଓ ପଚାଶ ପଚାଶ ଜଣ କରି (ମାର୍କ ୬:୪୦) ।
* ଅନ୍ଧ ଲୋକଟିକୁ ଦୁଇ ପର୍ଯ୍ୟାୟରେ ସୁସ୍ଥ କରିବା (ମାର୍କ ୮:୨୨–୨୫) ।

ସେଥିପାଇଁ, ଯେତେବେଳେ ମାର୍କ ଲେଖିଛନ୍ତି, "... ଅନ୍ୟାନ୍ୟ ନୌକା ମଧ ତାହାଙ୍କ ସହିତ ଥିଲା ।" ଏହା ଏକ ଅନାବଶ୍ୟକୀୟ ବର୍ଣ୍ଣନା ନ ଥିଲା । ଏହା ଏକ ଶକ୍ତିପୂର୍ଣ୍ଣ ଆତ୍ମିକ ସତ୍ୟକୁ ପ୍ରକାଶ କରିଥିଲା :

ଯଥା, ଆପଣ ଜୀବନ ପ୍ରତି ଲକ୍ଷ୍ୟ ରଖା ଯାଉଅଛି । ଆପଣଙ୍କର ଝଡ଼ଗୁଡ଼ିକୁ ଲକ୍ଷ୍ୟ କରାଯାଉଅଛି । ଆପଣଙ୍କର ଉଦ୍ଧାର ସମ୍ବନ୍ଧୀୟ ସାକ୍ଷ୍ୟ ମୁକ୍ତି ନିମନ୍ତେ ଅନ୍ୟ କୌଣସି ବ୍ୟକ୍ତି ପାଇଁ ଏକ ଦ୍ୱାରରେ ପରିଣତ ହୋଇପାରେ । ଝଡ଼ ମଧ୍ୟରେ ଯୀଶୁ ଖ୍ରୀଷ୍ଟଙ୍କ ଅନୁସରଣ କରୁଥିବା ସେହି ଛୋଟ ଛୋଟ ନୌକାଗୁଡ଼ିକ ନିମନ୍ତେ, ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ।

## ସେହି ଛୋଟ ଛୋଟ ନୌକାଗୁଡ଼ିକ ଆମକୁ କ'ଣ ସ୍ମରଣ କରାଇ ଦିଏ

### ୧. ମନେରଖନ୍ତୁ : ଆପଣ ଏପରି ଛୋଟ ଛୋଟ ନୌକା ଦ୍ୱାରା ପରିବେଷ୍ଟିତ ହୋଇଛନ୍ତି ଯେଉଁଗୁଡ଼ିକ ଆପଣଙ୍କୁ ଲକ୍ଷ୍ୟ କରୁଛନ୍ତି

ଈଶ୍ୱର ଆମକୁ ତାଙ୍କର ପ୍ରଶଂସା ପ୍ରକାଶ କରିବା ପାଇଁ ଆହ୍ୱାନ କରିଛନ୍ତି :

"କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର, ଏଥିନିମନ୍ତେ ତୁମ୍ଭେମାନେ ଏକ ମନୋଭାବ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛି" (୧ ପିତର ୨:୯) ।

ଆମେ ଯେ କେବଳ ନିଜ ନିଜ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ସ୍ୱାଧୀନତା ପାଇଛୁ, ତା' ନୁହେଁ, ମାତ୍ର ତାଙ୍କର ଆଲୋକ ଯେପରି ଆମ ଜୀବନ ମାଧ୍ୟମରେ ପ୍ରକାଶ ପାଇବ ଓ ଅନ୍ୟମାନେ ତାଙ୍କ ନିକଟକୁ ଆସିବେ, ଏଥିପାଇଁ ମଧ ଆମକୁ ସ୍ୱାଧୀନତା ଦିଆଯାଇଛି ।

ଆମେ ଉପଲବ୍ଧି କରୁ କିମ୍ବା ନ କରୁ, ଲୋକମାନେ ଆମକୁ, ଅର୍ଥାତ୍, ଆମର ବିଶ୍ୱାସକୁ, ଆମର ମନୋଭାବକୁ, ଆମର ବାକ୍ୟକୁ, ଆମର କାର୍ଯ୍ୟକୁ, ଚାପ ଅଧୀନରେ ଆମର ପ୍ରତିକ୍ରିୟାକୁ ଓ ଜୀବନର ଝଡ଼ ସମୟରେ, ଆମେ କିପରି ନିଜ ନିଜକୁ ପରିଚାଳିତ କରୁଛୁ, ଏହି ବିଷୟକୁ ଲକ୍ଷ୍ୟ କରୁଛନ୍ତି :

ଯୀଶୁ ଖ୍ରୀଷ୍ଟ କହିଥିଲେ : "ସେହି ପ୍ରକାରେ, ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ" (ମାଥିଉ ୫:୧୬) ।

ଝଡ଼ ଭିତରେ ମଧ ଆମର ଜୀବନ ଈଶ୍ୱରଙ୍କର ଉତ୍ତମତାକୁ ପ୍ରକାଶ କରୁ ଓ ଆମର ସ୍ୱର୍ଗସ୍ଥ ପିତାଙ୍କର ଗୌରବ କରିବା ପାଇଁ ଅନ୍ୟମାନଙ୍କୁ ପ୍ରରୋଚିତ କରୁ ।

ସେହି ଛୋଟ ଛୋଟ ନୌକାଗୁଡ଼ିକ କାହିଁକି ଯୀଶୁଙ୍କ ନୌକାର ଅନୁସରଣ କରୁଥିଲେ, ତାହା ମୁଁ ଜାଣେ ନାହିଁ । ବୋଧହୁଏ :

* କେତେ ଜଣ କୌତୂହଳ ବଶତଃ, ଅନୁସରଣ କରୁଥିଲେ ।
* କେତେ ଜଣ ତାଙ୍କ କାର୍ଯ୍ୟ ଦ୍ୱାରା ଆଶ୍ଚର୍ଯ୍ୟାନ୍ୱିତ ହୋଇ ତାଙ୍କୁ ଅନୁସରଣ କରୁଥିଲେ ।
* କେତେ ଜଣ ତାଙ୍କ ପ୍ରତି ଲକ୍ଷ୍ୟ ରଖି, ତାଙ୍କୁ ସମାଲୋଚନା କରିବା ପାଇଁ ଅନୁସରଣ କରିଥିଲେ ।
* କେତେ ଜଣ ବାକ୍ୟ ନିମନ୍ତେ କ୍ଷୁଧିତ ଥିବାରୁ ତାଙ୍କର ଅନୁଗମନ କରୁଥିଲେ ।
* କେତେ ଜଣ କେବଳ ମାଛ ଧରାଳୀ ଓ ଯାତ୍ରୀ ହୋଇଥିବାରୁ ନିକଟରେ ଥିଲେ ।

କାରଣ ଯାହା ହେଉ ନା' କାହିଁକି, ଝଡ଼ ଦେଖା ଦେବା ସମୟରେ, ଶିଷ୍ୟମାନେ କିପରି ପ୍ରତିକ୍ରିୟା ଦେଖାଇଥିଲେ, ତାହା ସେମାନେ ଦେଖିଥିଲେ ।

କେଉଁମାନେ ଆମ ଚତୁଃପାର୍ଶ୍ୱରେ ଥିବା ସେହି ଛୋଟ ଛୋଟ ନୌକା ଅଟନ୍ତି ?

* ଆମର ପିଲାମାନେ
* ଆମର ପରିବାରର ସଦସ୍ୟମାନେ
* ଆମର ସହକର୍ମୀମାନେ
* ଆମର ପ୍ରତିବେଶୀମାନେ
* ଆମ ମଣ୍ଡଳୀ ପରିବାର
* ଆମର ସମାଜ

ଆପଣ ଏକାକୀ ଜୀବନଯାତ୍ରା କରୁ ନାହାନ୍ତି । ଆପଣଙ୍କ ଯାତ୍ରା ଉପରେ ଲକ୍ଷ୍ୟ ରଖି, ଛୋଟ ଛୋଟ ନୌକାଗୁଡ଼ିକ ମଧ ଆପଣଙ୍କ ପାଖେ ପାଖେ ଯାତ୍ରା କରୁଅଛନ୍ତି ।

### ୨. ମନେରଖନ୍ତୁ : ଆପଣ ଯୀଶୁ ଖ୍ରୀଷ୍ଟଙ୍କୁ ବହନ କରୁଛନ୍ତି–ସେମାନେ ବହନ କରୁ ନାହାନ୍ତି ।

ଶିଷ୍ୟମାନଙ୍କର ନୌକା ଓ ସେହି ଛୋଟ ଛୋଟ ନୌକା ଗୁଡ଼ିକ ମଧ୍ୟରେ ସବୁଠାରୁ ବଡ଼ ପାର୍ଥକ୍ୟ ଝଡ଼ ନ ଥିଲା – ମାତ୍ର ଏହା ଥିଲା, ଯୀଶୁ ଖ୍ରୀଷ୍ଟଙ୍କର ଉପସ୍ଥିତି ।

ଛୋଟ ନୌକାଗୁଡ଼ିକ ସେହି ସମାନ ଜଳ ଉପରେ ଥିଲେ ଓ ସେହି ସମାନ ଝଡ଼ର ସମ୍ମୁଖୀନ ହୋଇଥିଲେ, ମାତ୍ର ଯୀଶୁ ଖ୍ରୀଷ୍ଟ ସେମାନଙ୍କ ନୌକାରେ ନ ଥିଲେ ।

ଆମେ ଯେଉଁ ସ୍ଥାନକୁ ଯାଉ, ଯୀଶୁ ଖ୍ରୀଷ୍ଟଙ୍କୁ ସେହି ସ୍ଥାନକୁ ବୋହି ନେଉ । ଆମେ ପବିତ୍ର ଆତ୍ମାଙ୍କର ମନ୍ଦିର ଅଟୁ । ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତି ଆମ ସହିତ ଅଛି ।

ତଥାପି ଆମ ଚତୁଃପାର୍ଶ୍ୱସ୍ଥ ଅନେକ ଲୋକ ଏପର୍ଯ୍ୟନ୍ତ ଭୟ, ଦ୍ୱନ୍ଦ୍ୱ, ନୈରାଶ୍ୟ, ଆତ୍ମିକ ବନ୍ଧନ ଓ ପାପରୂପକ ଶୃଙ୍ଖଳରେ ଛନ୍ଦି ହୋଇ ତାଙ୍କ ବିନା ଜୀବନ କାଟୁଛନ୍ତି । ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କୁ ବହନ କରୁଛନ୍ତି, ସେମାନେ କିପରି ପ୍ରତିକ୍ରିୟା ଦେଖାଉଛନ୍ତି, କିପରି କଥା କହୁଛନ୍ତି ଓ କିପରି ଜୀବନ କାଟୁଛନ୍ତି, ତାହା ସେମାନେ ଲକ୍ଷ୍ୟ କରୁଛନ୍ତି ।

*ଯୀଶୁ ଖ୍ରୀଷ୍ଟ ଘୋଷଣ କରିଥିଲେ :*

"ପ୍ରଭୁଙ୍କର ଆତ୍ମା ମୋ'ଠାରେ ଅଧିଷ୍ଠିତ, ଯେଣୁ ଦୀନହୀନମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ସେ ମୋତେ ଅଭିଷିକ୍ତ କରିଅଛନ୍ତି, ବନ୍ଦୀମାନଙ୍କ ନିକଟରେ ମୁକ୍ତି ଓ ଅନ୍ଧମାନଙ୍କ ନିକଟରେ ଦୃଷ୍ଟିଲାଭର ବିଷୟ ଘୋଷଣା କରିବାକୁ, ପୁଣି ଉପଦ୍ରବଗ୍ରସ୍ତ ଲୋକମାନଙ୍କୁ ମୁକ୍ତ କରିବାକୁ ... ସେ ମୋତେ ପ୍ରେରଣ କରିଅଛନ୍ତି" (ଲୂକ ୪:୧୮) ।

ଏହାକୁ ମନେରଖନ୍ତୁ : ଆପଣ ସ୍ୱାଧୀନତାର ଏକ ରାଜଦୂତ, ଏକ ବାର୍ତ୍ତାବହ ଅଟନ୍ତି ।

ଆପଣ ଯେପରି ଆପଣଙ୍କ ଚତୁଃପାର୍ଶ୍ୱସ୍ଥ ଛୋଟ ନୌକାଗୁଡ଼ିକ ପାଇଁ ତାଙ୍କ ସ୍ୱାଧୀନତାର ଏକ ମାଧ୍ୟମ ହୋଇପାରିବେ, ଏଥିପାଇଁ ଈଶ୍ୱର ଆପଣଙ୍କୁ ମୁକ୍ତ କରିଅଛନ୍ତି ।

ଆପଣଙ୍କ ନୌକାରେ କିଏ ଅଛନ୍ତି – କିଏ ନାହାଁନ୍ତି – ଏହାକୁ ଆଦୌ ଭୁଲନ୍ତୁ ନାହିଁ ।

ଆପଣଙ୍କ ଜୀବନ ଏକ ବାର୍ତ୍ତା ଅଟେ, ଯାହାକୁ ଲୋକମାନେ ପଢ଼ି ପାରିଛନ୍ତି ।

ଆପଣ କେଉଁ ବାର୍ତ୍ତା ପ୍ରଚାର କରୁଛନ୍ତି ?

### ୩. ମନେରଖନ୍ତୁ : ଝଡ଼ ପ୍ରତ୍ୟେକ ନୌକାକୁ ସ୍ପର୍ଶ କରିଥିଲା ।

ଯେଉଁ ନୌକା ଯୀଶୁଙ୍କୁ ବହନ କରୁଥିଲା, କେବଳ ସେହି ନୌକାକୁ ଝଡ଼ ଆଘାତ କରି ନ ଥିଲା, ମାତ୍ର

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ଅଗଷ୍ଟ ୧୯ ରୁ ସେପ୍ଟେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଅଗଷ୍ଟ ୧୯ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟକୁ ଫ୍ରେଣ୍ଡ ଲେବର୍ସ, ଫ୍ରେଣ୍ଡସ ଇଣ୍ଡିଆ, ସିଡ୍ ପ୍ରିଣ୍ଟର୍ସ ଓ ଅନ୍ୟମାନଙ୍କର ବାହ୍ୟ ସହାୟତା ପୂର୍ଣ୍ଣ କାର୍ଯ୍ୟ ଦ୍ୱାରା ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୦ ⇨ ଆମର ନିହିମିୟା ବାଇବଲ କଲେଜର ଅଧ୍ୟାପକ ଓ ସେମାନଙ୍କର ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୧ ⇨ ଆମର ସେଣ୍ଟପଲ୍ସ ମାଟ୍ରିକୁଲେସନ୍ ସ୍କୁଲର ଅଧ୍ୟକ୍ଷ, କର୍ମଚାରୀ ଓ ଛାତ୍ରମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୨ ⇨ ୨୦୨୬ ଅଗଷ୍ଟ ୧୦ରେ ଅନୁଷ୍ଠିତ ହୋଇଥିବା ୫୨ତମ ବାର୍ଷିକ ଉତ୍ସବ ଉପରେ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୩ ⇨ ଆମର ମିଶନ କାର୍ଯ୍ୟକର୍ତ୍ତାମାନଙ୍କର ସତ୍ୟ ସମର୍ପଣ ନିମନ୍ତେ ।

ଅଗଷ୍ଟ ୨୪ ⇨ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାରର ଯତ୍ନ ନେଇଥିବାରୁ ।

ଅଗଷ୍ଟ ୨୫ ⇨ ଗତ ମାସରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ।

ଅଗଷ୍ଟ ୨୬ ⇨ ଆମ ମଣ୍ଡଳୀଗୁଡ଼ିକରେ ନୂତନ ସଦସ୍ୟମାନଙ୍କୁ ସଂଯୁକ୍ତ କରିଥିବାରୁ ।

ଅଗଷ୍ଟ ୨୭ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସହ-ସଦସ୍ୟ, ବିଶ୍ୱସ୍ତ ସାଥୀ, ଆଜୀବନ ସଦସ୍ୟ, ପ୍ରାର୍ଥନା-ଅନୁରୋଧ ସାଥୀ, ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ତାଙ୍କର ଦୟା ନିମନ୍ତେ ।

ଅଗଷ୍ଟ ୨୮ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ସେଣ୍ଟ ମାଟ୍ରିକୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଗମନ ନିମନ୍ତେ ।

ଅଗଷ୍ଟ ୨୯ ⇨ ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଇଥିବାରୁ ।

ଅଗଷ୍ଟ ୩୦ ⇨ ଆମକୁ ଉଭୟ ନୈତିକଭାବରେ ଓ ଅର୍ଥନୈତିକ ଭାବରେ ସହାୟତା ଦେଉଥିବା ସାଥୀମାନଙ୍କୁ ଯୋଗାଇଥିବାରୁ ।

ଅଗଷ୍ଟ ୩୧ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ସେବାକାର୍ଯ୍ୟକୁ ବିଶ୍ୱସ୍ତ ଭାବରେ ସହାୟତା ପ୍ରଦାନ କରୁଥିବା ସହଯୋଗୀ ସଂପାଦକମାନଙ୍କୁ ଯୋଗାଇଥିବାରୁ ।

ସେପ୍ଟେମ୍ବର ୧ ⇨ ଆମକୁ ମିଶନରେ ଓ ଏକ ଦିଗରେ ଦିନ ଦିନରେ ବଢ଼ିବାକୁ ସଂଗଠନ କରୁଥିବା ସମର୍ପିତ କର୍ମଚାରୀମାନଙ୍କୁ ଯୋଗାଇ ଦେଇଥିବାରୁ ।

ସେପ୍ଟେମ୍ବର ୨ ⇨ ଆମର ମୁଖ୍ୟ ଉପାସନାଳୟରେ ଯୁବକ ଓ ଯୁବତୀମାନଙ୍କ ନିମନ୍ତେ ରହିଥିବା ଯୁବ ସହଭାଗିତା ଉପରେ ଆଶୀର୍ବାଦ କରିଥିବାରୁ ।

ସେପ୍ଟେମ୍ବର ୩ ⇨ ମିଶନ କ୍ଷେତ୍ରଗୁଡ଼ିକରେ ଆମର ମିଶନେରୀ ଓ ସେମାନଙ୍କର ପରିବାରଗୁଡ଼ିକୁ ସୁରକ୍ଷା ଦେଉଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ସେପ୍ଟେମ୍ବର ୪ ⇨ ଈଶ୍ୱର ଯେପରି ଏହି ମାସ ଆମର ସମସ୍ତ ଆବଶ୍ୟକତା ପୂରଣ କରିବେ ।

ସେପ୍ଟେମ୍ବର ୫ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ଆମ ନିହିମିୟା ବାଇବଲ କଲେଜର ସମସ୍ତ ଛାତ୍ରଙ୍କ ନିମନ୍ତେ ।

ସେପ୍ଟେମ୍ବର ୬ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ଆମର ସେଣ୍ଟପଲ୍ସ ମାଟ୍ରିକୁଲେସନ୍ ସ୍କୁଲର ସମସ୍ତ ଛାତ୍ରମାନଙ୍କ ନିମନ୍ତେ ।

ସେପ୍ଟେମ୍ବର ୭ ⇨ ଆମର ସମସ୍ତ ରାଜ୍ୟ-ସଂଯୋଜକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ସେପ୍ଟେମ୍ବର ୮ ⇨ ଭାରତର ଅପହଞ୍ଚ ଅଞ୍ଚଳରେ ପହଞ୍ଚିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ ।

ସେପ୍ଟେମ୍ବର ୯ ⇨ ଆମର ସେବାକାର୍ଯ୍ୟର ସମସ୍ତ କାର୍ଯ୍ୟକଳାପ ଓ ଭବିଷ୍ୟତ୍ ସଂପ୍ରସାରଣ ନିମନ୍ତେ ।

ସେପ୍ଟେମ୍ବର ୧୦ ⇨ ଆମର ପ୍ରିଣ୍ଟର, ସହାୟକ ପ୍ରିଣ୍ଟର ଓ ଛାପାକରର ସମସ୍ତ କର୍ମଚାରୀଙ୍କ ନିମନ୍ତେ ।

ସେପ୍ଟେମ୍ବର ୧୧ ⇨ ସମଗ୍ର ବିଶ୍ୱରେ ମହିଳା ଓ ଶିଶୁମାନଙ୍କର ସୁରକ୍ଷା ଓ ନିରାପତ୍ତା ନିମନ୍ତେ ।

ସେପ୍ଟେମ୍ବର ୧୨ ⇨ ପ୍ରଭୁ ଯେପରି ମଦ୍ୟପ ଓ କୁକର୍ମକାରୀମାନଙ୍କୁ ଅନୁତପ୍ତ ହେବାରେ ସାହାଯ୍ୟ କରିବେ ।

ସେପ୍ଟେମ୍ବର ୧୩ ⇨ ସମସ୍ତ ଦେଶର ଲୋକଙ୍କ ମଧ୍ୟରେ ଏକତା ଓ ଶାନ୍ତି ନିମନ୍ତେ ।

ସେପ୍ଟେମ୍ବର ୧୪ ⇨ ଖ୍ରୀଷ୍ଟିୟାନ ପ୍ରଚାରକମାନେ ଯେପରି ବିଶ୍ୱସ୍ତ ଭାବରେ, କୌଣସି ତାଡ଼ନା ବିନା ପ୍ରଚାର କରିବେ ।

ସେପ୍ଟେମ୍ବର ୧୫ ⇨ ସମସ୍ତ ଖ୍ରୀଷ୍ଟିଆନ ସଂସ୍ଥା ଓ ମଣ୍ଡଳୀଗୁଡ଼ିକ ଉପରେ ଈଶ୍ୱରଙ୍କର ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ ।

ସେପ୍ଟେମ୍ବର ୧୬ ⇨ କାରାଗାର ମଧ୍ୟରେ ଥିବା ଈଶ୍ୱରଙ୍କ ଦାସମାନଙ୍କ ନିମନ୍ତେ ।

ସେପ୍ଟେମ୍ବର ୧୭ ⇨ ଆମର ବରିଷ୍ଠ ପାଳକ, ଏସ୍.ସାମ୍.ସେଲ୍ଭରାଜ୍ ଯେପରି ତାଙ୍କର ବହୁମୁଖୀ ସେବାକାର୍ଯ୍ୟ ପାଇଁ ନୂତନ ଦର୍ଶନପ୍ରାପ୍ତ ହେବେ ।

ସେପ୍ଟେମ୍ବର ୧୮ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭରାଜ ଓ ତାଙ୍କର ପରିବାର ଯେପରି ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷିତ ଓ ନିରାପଦ ରହିବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଏହା ଜଳ ଉପରେ ଥିବା ପ୍ରତ୍ୟେକ ନୌକାକୁ ଆଘାତ କରିଥିଲା ।

ଉଭୟ ବିଶ୍ୱାସୀମାନେ ଓ ଅବିଶ୍ୱାସୀମାନେ ଝଡ଼ର ସମ୍ମୁଖୀନ ହୁଅନ୍ତି । ଯୀଶୁ ଖ୍ରୀଷ୍ଟ ଯେ ଆମ ନୌକାରେ ଥିଲେ, ଆମେ ଝଡ଼ର ସମ୍ମୁଖୀନ ହେବା ନାହିଁ, ଏହା ଠିକ୍ ନୁହେଁ । ବରଂ, ଏହା ଏହି ବିଷୟକୁ ସୂଚିତ କରେ ଯେ ଆମ ନିକଟରେ ଏପରି ଜଣେ ତ୍ରାଣକର୍ତ୍ତା ଥାଆନ୍ତି, ଯିଏ ପ୍ରତ୍ୟେକ ଝଡ଼ ଅପେକ୍ଷା ବୃହତ୍ତର ଅଟନ୍ତି । ଆମର ଝଡ଼ ନିମ୍ନଲିଖିତ ଉପାୟରେ ଆସିପାରେ :

- ଆବେଗିକ ସଂଘର୍ଷ
- ଅର୍ଥନୈତିକ ଚାପ
- ପାରିବାରିକ ସଂଘର୍ଷ
- ସ୍ୱାସ୍ଥ୍ୟ ସମସ୍ୟା
- ଆତ୍ମିକ ଆକ୍ରମଣ

ଶତ୍ରୁ କେବଳ ଆମ ନିଜର ଯନ୍ତ୍ରଣା ଉପରେ ଦୃଷ୍ଟି ନିବଦ୍ଧ କରି, ଆମ ଚତୁଃପାର୍ଶ୍ୱସ୍ଥ ନୌକାଗୁଡ଼ିକୁ ଭୁଲିଯିବା ପାଇଁ ଝଡ଼ଗୁଡ଼ିକୁ ବ୍ୟବହାର କରେ । ସେ ଆମକୁ ନିମ୍ନଲିଖିତ ବିଷୟଗୁଡ଼ିକ ଦ୍ୱାରା ଭାରାକ୍ରାନ୍ତ କରିବାକୁ ଇଚ୍ଛା କରେ :

- ଚିନ୍ତା ଓ ମାନସିକ ଭାର
- ପାରିବାରିକ ଦାୟିତ୍ୱ
- ଅର୍ଥନୈତିକ ସଙ୍କଟ
- ଶାରୀରିକ ଦୁର୍ବଳତା
- ଆତ୍ମିକ କ୍ଳାନ୍ତି

ଯେତେବେଳେ ଆମେ ଆମ ନିଜସ୍ୱ ସଂଘର୍ଷ ଦ୍ୱାରା ସଂପୂର୍ଣ୍ଣ ଭାବରେ ଗ୍ରାସିତ ହୋଇଯାଉ, ସେତେବେଳେ ଆମେ ସେମାନଙ୍କୁ ଦେଖି ପାରି ନ ଥାଉ ଯେଉଁମାନେ ଆମର ପ୍ରାର୍ଥନା, ଉତ୍ସାହ, ଦୟା ଓ ସାକ୍ଷ୍ୟ ଆବଶ୍ୟକ କରନ୍ତି ।

ମାତ୍ର ଈଶ୍ୱର ଆମକୁ ଝଡ଼ର ଉର୍ଦ୍ଧ୍ୱକୁ ଉଠିବା ପାଇଁ ଆହ୍ୱାନ କରିଛନ୍ତି ।

*ଯିଶାଇୟ ୪୦:୩୧ରେ ଲେଖାଯାଇଛି :*

"... ଯେଉଁମାନେ ସଦାପ୍ରଭୁଙ୍କର ଅପେକ୍ଷା କରନ୍ତି, ସେମାନେ ନୂଆ ନୂଆ ବଳ ପାଇବେ, ସେମାନେ ଉତ୍କ୍ରୋଶ ପକ୍ଷୀ ପରି ପକ୍ଷରେ ଉପରକୁ ଉଠିବେ, ସେମାନେ ଶ୍ରାନ୍ତ ନ ହୋଇ ଦୌଡ଼ିବେ, ସେମାନେ କ୍ଲାନ୍ତ ନ ହୋଇ ଗମନ କରିବେ ।"

ଆପଣ ହୁଏତ ଏକ ନିର୍ଜ୍ଜନ ଉପତ୍ୟକା ମଧ୍ୟ ଦେଇ, ଅତି ଅସହ୍ୟ ଭାର ବହନ କରି ଓ ଝଡ଼ରୁ ମୁକ୍ତି ପାଇବାକୁ ଇଚ୍ଛା କରି ଯାତ୍ରା କରୁଛନ୍ତି ବୋଲି ଅନୁଭବ କରୁଛନ୍ତି । ମାତ୍ର ଯେଉଁ ଈଶ୍ୱର ଆପଣଙ୍କୁ ଆହ୍ୱାନ କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି ।

ଆଜି ଆପଣ ଯେଉଁ ଝଡ଼ର ସମ୍ମୁଖୀନ ହେଉଛନ୍ତି, ତାହା ହୁଏତ ଏପରି ସାକ୍ଷ୍ୟରେ ପରିଣତ ହୋଇପାରେ ଯାହା ଆପଣଙ୍କର ଯାତ୍ରାକୁ ଲକ୍ଷ୍ୟ କରୁଥିବା ଅସଂଖ୍ୟ ଛୋଟ ନୌକାଗୁଡ଼ିକ ପ୍ରତି ଆଶା ଓ ମୁକ୍ତି ଆଣିବ ।

ଆପଣ ବର୍ତ୍ତମାନ ଯେଉଁ ଦୁଃଖର ଅନୁଭୂତି ପାଉଛନ୍ତି, ଈଶ୍ୱର ତାହାକୁ ଅନ୍ୟମାନଙ୍କ ପାଇଁ, ଏପରିକି, ଆପଣ ଯେଉଁମାନଙ୍କୁ ଆଦୌ ଜାଣି ନାହାଁନ୍ତି, ସେମାନଙ୍କ ପାଇଁ ଏକ ଆଶୀର୍ବାଦରେ ପରିଣତ କରିପାରନ୍ତି ।

ସାହସିକ ହୁଅନ୍ତୁ ।

ଯୀଶୁ ଖ୍ରୀଷ୍ଟଙ୍କୁ ଆପଣଙ୍କର ନୌକାରେ ପାଇବାର ଅର୍ଥ କ'ଣ, ଏହା ଛୋଟ ନୌକାଗୁଡ଼ିକୁ ଦେଖାନ୍ତୁ ।

## ୪. ଝଡ଼ ପ୍ରତି ଆପଣଙ୍କର ପ୍ରତିକ୍ରିୟା ଛୋଟ ନୌକାଗୁଡ଼ିକୁ ପ୍ରଭାବିତ କରେ ।

ଯେତେବେଳେ ଶିଷ୍ୟମାନେ ଭୟରେ ଚିତ୍କାର କରିଥିଲେ, "ହେ ଗୁରୁ, ଆମେ ମଲୁ, ଆପଣଙ୍କର କ'ଣ ଚିନ୍ତା ନାହିଁ ?" ସେତେବେଳେ ସେମାନଙ୍କ ଚତୁର୍ଦ୍ଦିଗସ୍ଥ ନୌକାଗୁଡ଼ିକ ମଧ୍ୟ ଭୟରେ ପରିପୂର୍ଣ୍ଣ ହୋଇଥିବେ ।

ଯଦି ଯୀଶୁ ଖ୍ରୀଷ୍ଟଙ୍କୁ ବହନ କରୁଥିବା ନୌକାଟି ଭୟରେ କମ୍ପିତ ହେଉଥିଲା, ତେବେ ଅନ୍ୟମାନଙ୍କ ନିକଟରେ କେଉଁ ଆଶା ରହିଥିବ ?

ଗୋଟିଏ ସମସ୍ୟାରେ ଆପଣଙ୍କର ପ୍ରତିକ୍ରିୟା ଦୁଃଖ ସମୟରେ ଆପଣଙ୍କର କଥା ଅପେକ୍ଷା ଅଧିକ ଉଚ୍ଚଧ୍ୱନି ସୃଷ୍ଟି କରେ ।

ଆପଣ ଆଶାଶୂନ୍ୟ ବ୍ୟକ୍ତିମାନଙ୍କ ଭଳି ପ୍ରତିକ୍ରିୟା ଦେଖାନ୍ତି କି ? କିମ୍ବା ଆପଣ ତାହାଙ୍କୁ ପ୍ରକାଶ କରନ୍ତି ଯିଏ ଝଡ଼ ମଧ୍ୟରେ ଆପଣଙ୍କ ସହିତ ରହିଥାଆନ୍ତି ?

ତିନି ଜଣ ଏବ୍ରୀୟ ଯୁବକ ଘୋଷଣା କରିଥିଲେ : "...ଆମ୍ଭେମାନେ ଯାହାଙ୍କର ସେବା କରୁ, ଆମ୍ଭମାନଙ୍କର ସେହି ପରମେଶ୍ୱର ଆମ୍ଭମାନଙ୍କୁ ... ରକ୍ଷା କରିବାକୁ ସମର୍ଥ ଅଟନ୍ତି, ... ମାତ୍ର ଯେବେ ନ କରନ୍ତି..." (ଦାନିୟେଲ ୩:୧୭-୧୮) ।

ବିଶ୍ୱାସର କେତେ ଶକ୍ତିଶାଳୀ ପରିପ୍ରକାଶ - "ମାତ୍ର ଯେବେ ନ କରନ୍ତି, ତଥାପି ...।"

ଆମ ନିକଟରେ କ'ଣ ଏପରି ବିଶ୍ୱାସ ଅଛି, ଯାହା ପରିବେଶ ଉପରେ ନିର୍ଭର କରେ ନାହିଁ - ଏପରି ଏକ ବିଶ୍ୱାସ ଯାହା ଦୂରରୁ ଲକ୍ଷ୍ୟ କରୁଥିବା ପ୍ରତ୍ୟେକ ଛୋଟ ନୌକାକୁ ଶକ୍ତିଯୁକ୍ତ କରେ ??

*ପାଉଲ ଘୋଷଣା କରିଥିଲେ :*

"ଯାହାଙ୍କୁ ମୁଁ ବିଶ୍ୱାସ କରିଅଛି, ତାହାଙ୍କୁ ମୁଁ ଜାଣେ..." (୨ ତୀମଥି ୧:୧୨) ।

ଝଡ଼ ସମୟରେ ଆପଣଙ୍କର ବିଶ୍ୱାସ ଅନ୍ୟ କୌଣସି ବ୍ୟକ୍ତିଙ୍କର ଶକ୍ତିରେ ପରିଣତ ହୋଇପାରେ ।

## ୫. ମନେରଖନ୍ତୁ : ଛୋଟ ନୌକାଗୁଡ଼ିକ ଆପଣଙ୍କର ଉଦ୍ଧାର ଉପରେ ନିର୍ଭର କରନ୍ତି ।

ଯେତେବେଳେ ଯୀଶୁ ଖ୍ରୀଷ୍ଟ ଝଡ଼କୁ ଶାନ୍ତ କରିଥିଲେ, ସେତେବେଳେ ତାଙ୍କୁ ଚତୁର୍ଦ୍ଦିଗସ୍ଥିତ ପ୍ରତ୍ୟେକ ଛୋଟ ନୌକା ତାଙ୍କ ଶକ୍ତିର ପ୍ରଭାବକୁ ଅନୁଭବ କରିଥିଲେ । ସେହି ଅଲୌକିକ କାର୍ଯ୍ୟ କେବଳ ଶିଷ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା, ଏହା ନିକଟସ୍ଥ ପ୍ରତ୍ୟେକ ନୌକା ନିକଟକୁ ଶାନ୍ତି ଆଣିଥିଲା ।

ପ୍ରିୟ ଭାଇ ଓ ଭଉଣୀମାନେ, ବେଳେ ବେଳେ ଈଶ୍ୱର ଆମକୁ କଷ୍ଟ, ଝଡ଼, କ୍ଲେଶ ଓ ଅନପେକ୍ଷିତ ସମୟ ମଧ୍ୟ ଦେଇ ଗତି କରାନ୍ତି କାରଣ ସେ ଅନ୍ୟମାନଙ୍କ ନିକଟକୁ ଆଶା ଆଣିବା ପାଇଁ ଆମର ଉଦ୍ଧାରକୁ ବ୍ୟବହାର କରିବା ପାଇଁ ଇଚ୍ଛା କରନ୍ତି ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଥିଓଲୋଜିରେ ଡିପ୍ଲୋମା & Bachelor of Theology
Chepauk & Santhoshapuram, Velachery Chennai.
ମାଧ୍ୟମ - ତାମିଲ (Part Time)
ମାଧ୍ୟମ - ହିନ୍ଦୀ (Part Time)
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ଚତୁର୍ଥ
ବିଗତ ୫୭ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲମ୍, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଆବେଶ ସାଥୀଗଣ (ପାଳକମାନେ) ।
୮. ତାଲିମ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ଲେଷ୍ଟପଲନ୍ ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ସଣ୍ଡେସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସତୋଷପୁରମ) ରବିବାର ଅପରାହ୍ଣ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ଣ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ଣ ଘ. ୧.୦୦ ।
୧୯. ତେଲୁଗୁ ଉପାସନା – ରବିବାର ଅପରାହ୍ଣ ଘ. ୪.୦୦ ।
୨୦. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ତାମିଲ ଓ ଇଂରାଜୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉଦ୍ଧାର ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ହିନ୍ଦୀ ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ. ୭.୦୦ ଘଟିକା ।
୨୫. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୬. ଶିଷ୍ୟତ୍ୱ ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୭. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୮. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୨୯. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୩୦. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୧. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୩୨. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୩. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୪. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରି ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୫. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୬. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ରି ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ ପାଠ୍ୟକ୍ରମ
### କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୬ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ୍ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ସ୍ନାତକସ୍ତରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.

**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

### ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ ''ଆହ୍ୱାନର ପ୍ରତିଧ୍ୱନି'' ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | |
|---|---|
| **Account Name** | **: ECHO OF HIS CALL EDUCATIONAL TRUST** |
| **Account Number** | **: 1023 2923 805** |
| **Bank Name** | **: STATE BANK OF INDIA** |
| **Branch** | **: TRIPLICANE, CHENNAI - 600 005** |
| **IFSC Code** | **: SBIN 0000249** |
| **SWIFT Code** | **: SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍ଭା ରାଜଙ୍କ ଜୀବନାନୁଭୂତି)


*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ତୁମ୍ଭେମାନେ ଶତଗୁଣ ଫଳ ପାଇବ ଓ ଅନନ୍ତ ଜୀବନର ଅଧିକାରୀ ହେବ !


"ତୁମ୍ଭ ହସ୍ତ ଯେ କୌଣସି କାର୍ଯ୍ୟ କରିବାକୁ ପାଏ, ତାହା ଆପଣା ଶକ୍ତିରେ କର..." (ଉପଦେଶକ ୯:୧୦) ।

"ଯେଉଁ ଲୋକ ପବନକୁ ଅନାଏ, ସେ ବୁଣିବ ନାହିଁ ଓ ଯେଉଁ ଲୋକ ମେଘକୁ ଅନାଏ, ସେ କାଟିବ ନାହିଁ" (ଉପଦେଶକ ୧୧:୪) ।

ବାଇବଲ କରେସ୍‌ପଣ୍ଡେନ୍ସ୍ ପାଠ୍ୟକ୍ରମ ଓ ବାଇବଲ କଲେଜ ମାଧ୍ୟମରେ ଜୀବନର ପ୍ରତ୍ୟେକ କ୍ଷେତ୍ରର ଲୋକମାନଙ୍କୁ ବାଇବଲର ଗଭୀର ସତ୍ୟଗୁଡ଼ିକୁ ଶିକ୍ଷା ଦେବା ମୋର ଦୀର୍ଘ ଦିନର ଇଚ୍ଛା ହୋଇ ରହିଥିଲା । ଏହି ବୋଝ ମୋର ହୃଦୟରେ ଅତି ଗଭୀର ଭାବେ ରୋପିତ ହୋଇଥିଲା ଓ ବର୍ଷ ପରେ ବର୍ଷ ଅଧିକ ଦୃଢ଼ ହେବାରେ ଲାଗିଥିଲା । କିନ୍ତୁ, ଏହି ଦର୍ଶନ ପାଇଁ ମୋ' ନିକଟରେ ଆଉର କୌଣସି ପନ୍ଥା ଓ ମୋତେ ଚାଳନା ଓ ସହାୟତା ଦେବା ପାଇଁ କୌଣସି ବ୍ୟକ୍ତି ନ ଥିବାରୁ ମୁଁ ନିଜକୁ ଅତି ଅସହାୟ ଅନୁଭବ କରୁଥିଲି । ସେହି ସମୟରେ, ମୁଁ ଓ ମୋର ପରିବାର ବେଶୀ କିଛି ସୁବିଧା ନ ଥିବା ଗୋଟିଏ ଛୋଟ ଗୃହରେ ଅତି କଷ୍ଟ ସହ୍ୟ କରି ଦାରିଦ୍ର୍ୟରେ ଜୀବନ କାଟୁଥିଲୁ ।



୧୯୮୦ରେ, ଇଣ୍ଡିଆ ବାଇବଲ ଲିଟରେଚର ନାମକ ଏକ ସଂସ୍ଥାରୁ, ମୁଁ ଗୋଟିଏ ସୁସମାଚାରର ପ୍ୟାକେଟ ପାଇଲି । ଏହାକୁ ଖୋଲିବା ପରେ ମୁଁ ସେଥିରେ ଅନେକ ଗୁଡ଼ିଏ ସୁସମାଚାର ପତ୍ରିକା ଓ ଗୋଟିଏ କରେସ୍‌ପଣ୍ଡେନ୍ସ୍ ପୁସ୍ତିକା ରହିଥିବାର ଦେଖିଲି । ମୁଁ ସେଗୁଡ଼ିକୁ ପଢ଼ିବା ପରେ, ସମଗ୍ର ଭାରତରେ ଥିବା ବିଭିନ୍ନ ଭାଷାର ଲୋକମାନଙ୍କ ନିକଟରେ ସୁସମାଚାର ଜଣାଇବା ପାଇଁ ସେହି ସମାନ ପ୍ରକାରର ଲେଖା ବ୍ୟବହାର କରିବାକୁ ଅତିଶୟ ଆଗ୍ରହୀ ହେଲି । ବିଳମ୍ବ ନ କରି, ମୁଁ ମୋର ପୁରୁଣା ସାଇକେଲ ଚଲାଇ ଚେନ୍ନାଇର ଥାଉଜାଣ୍ଡ ଲାଇଟସ୍ ସ୍ଥିତ ଇଣ୍ଡିଆ ବାଇବଲ ଲିଟରେଚରର କାର୍ଯ୍ୟାଳୟରେ ପହଞ୍ଚିଲି ।



ସେଠାରେ, ମୁଁ ଶ୍ରୀଯୁକ୍ତ ଜେଲାୟୁଥମ୍, ଯିଏ ଶ୍ରୀଯୁକ୍ତ ଜେଲ୍ଲୁ ଭାବରେ ମଧ୍ୟ ପରିଚିତ, ଏପରି ଜଣେ ଯୁବକଙ୍କୁ ଭେଟିଲି । ସେ ବର୍ତ୍ତମାନ ସେଠାରେ ପ୍ରଶାସନିକ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି । ମୁଁ ଲକ୍ଷ୍ୟ କଲି ଯେ ସେ ଅତି ଯତ୍ନର ସହିତ ସେହି କରେସ୍‌ପଣ୍ଡେନ୍ସ୍ ପାଠ୍ୟ ପୁସ୍ତକଗୁଡ଼ିକୁ ସଜାଡ଼ି, ପ୍ୟାକିଂ କରି, ଡାକ ଯୋଗେ ପ୍ରେରଣ କରିବା ପାଇଁ ପ୍ରସ୍ତୁତ କରୁଥିଲେ । ଏହା ମୋତେ ଈଶ୍ୱରଙ୍କ ଗୌରବ ନିମନ୍ତେ ସେହି ସମାନ ପ୍ରକାରର କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲା ।

ମୁଁ ସମ୍ମାନର ସହିତ ତାଙ୍କ ନିକଟକୁ ଗଲି ଓ ସେହି ପାଠ୍ୟ ପୁସ୍ତକଗୁଡ଼ିକୁ ମୋତେ ଦେଇପାରିବେ କି ବୋଲି ତାଙ୍କୁ ପଚାରିଲି । ପ୍ରତ୍ୟେକ ପୁସ୍ତକର ମୂଲ୍ୟ ୫୦ ପଇସା ବୋଲି ସେ ମୋତେ ଜଣାଇଲେ । ମୁଁ ତାଙ୍କୁ ବୁଝାଇ କହିଲି ଯେ ମୁଁ ଗୋଟିଏ ଅତି ଦରିଦ୍ର ପରିବାରରୁ ଆସିଛି ଓ ଅତି ସାଧାରଣ ମାସିକ ବେତନରେ ଗୋଟିଏ ସରକାରୀ ବିଭାଗରେ କାର୍ଯ୍ୟ କରୁଅଛି । ସେ ମୋର ଅବସ୍ଥା ଯୋଗୁଁ ବିଚଳିତ ହେଲେ ଓ ଉଦାର ଭାବରେ ବିନା ମୂଲ୍ୟରେ ୧୦ଟି ପୁସ୍ତକ ପ୍ରଦାନ କଲେ ।

ତଥାପି ମୁଁ ସନ୍ତୁଷ୍ଟ ହୋଇ ନ ଥିଲି । ମୁଁ ଡାକ ଦ୍ୱାରା ପ୍ରେରଣ ପାଇଁ ଉଦ୍ଦିଷ୍ଟ କକ୍ଷରେ ଅନେକଗୁଡ଼ିଏ ବହି ଥାକ ଥାକ ହୋଇ ରହିଥିବାର ଦେଖିଲି । ମୋତେ ଏପରି ମନେ ହେଉଥିଲା ଯେପରି ସେଗୁଡ଼ିକୁ ନେଇ, ଖ୍ରୀଷ୍ଟଙ୍କର ଜ୍ଞାନ ଆବଶ୍ୟକ କରୁଥିବା ଲୋକମାନଙ୍କ ହାତରେ ଦେବା ପାଇଁ ସେଗୁଡ଼ିକ ମୋତେ ଡାକୁଥିଲେ । ମୁଁ ସେହି ସ୍ଥାନକୁ ଛାଡ଼ି ଯାଇପାରୁ ନ ଥିଲି ।

କିଛି ସମୟ ପରେ, ଅନ୍ୟ ଜଣେ ଭଦ୍ର ବ୍ୟକ୍ତି ମୋ' ନିକଟକୁ ଆସି ମୋତେ ପଚାରିଲେ, "ଆପଣ କିଏ ଓ ଏଠାରେ କାହିଁକି ଏତେ ସମୟ ଧରି ଠିଆ ହୋଇ ଆମ ଅଫିସକୁ ଚାହିଁ ରହିଛନ୍ତି ?" ମୁଁ ତାଙ୍କୁ ଉତ୍ତର ଦେଇଥିଲି ଯେ ମୁଁ ଜଣେ ସୀମିତ ସମ୍ବଳ ରଖିଥିବା ବ୍ୟକ୍ତି ଅଟେ । ମାତ୍ର ଜୀବିତ ଈଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କର ସେବା କରିବା ପାଇଁ ମୋର ବହୁତ ଆଗ୍ରହ ଅଛି ଓ ସେଥି ନିମନ୍ତେ, ମୁଁ ଅଧିକ କରେସପଣ୍ଡେନ୍ସ୍ ବହି ନେବାକୁ ଇଚ୍ଛା କରୁଥିଲି । ସେ ମୋତେ କହିଥିଲେ ଯେ ଯଦି ମୁଁ ଆବଶ୍ୟକୀୟ ଅର୍ଥ ଆଣିବି, ତେବେ ସେଗୁଡ଼ିକୁ କ୍ରୟ କରିପାରିବି ।



ସେହି ସମୟରେ, ମୁଁ ଗୋଟିଏ କଠୋର ନିଷ୍ପତ୍ତି ନେଇଥିଲି – ମୋର ଏକମାତ୍ର ଚଂପତି ଓ ଯିବା ଆସିବାର ମାଧ୍ୟମ, ମୋର ପୁରୁଣା ସାଇକେଲକୁ ବିକ୍ରି କରି ଦେବାର ନିଷ୍ପତ୍ତି ନେଇଥିଲି ।

ମୁଁ ସଙ୍ଗେ ସଙ୍ଗେ ନିକଟସ୍ଥ ଏକ ସାଇକେଲ ମରାମତି ଦୋକାନକୁ ଗଲି, ମୋର ସାଇକେଲକୁ ୧୦୦ ଟଙ୍କାରେ ବିକ୍ରି କରି ଦେଲି ଓ ଦୁଇଶହ କରେସପଣ୍ଡେନ୍ସ୍ ବହି କିଣିଲି । ମୋର ଯାତ୍ରାର ଏକମାତ୍ର ମାଧ୍ୟମକୁ ପରିତ୍ୟାଗ କରି ଦେଇଥିବାରୁ, ମୁଁ ଥାଉଜେଣ୍ଡ ଲାଇଟସ୍‌ଠାରୁ ମୋ' ଗୃହ ପର୍ଯ୍ୟନ୍ତ, ପ୍ରାୟ ପାଞ୍ଚଶହ



କିଲୋମିଟର ଯିବା ପାଇଁ ମୋତେ ମୋର ସ୍କନ୍ଧ ଓ ପୃଷ୍ଠ ଉପରେ ବହିଗୁଡ଼ିକୁ ବୋହିବାକୁ ପଡ଼ିଥିଲା ।

ଏତେ ଭାରୀ ବୋଝ ବୋହିବାର ଅଭ୍ୟାସ ନ ଥିବାରୁ, ମୁଁ ଅତିଶୀଘ୍ର କ୍ଳାନ୍ତ ହୋଇ ଯାଉଥିଲି । ବହିଗୁଡ଼ିକ ବହୁଥର ମୋର ସ୍କନ୍ଧରୁ ଖସି ରାସ୍ତା ଉପରେ ପଡ଼ି ଯାଉଥିଲା । ମୋର ଏହି ଅସୁବିଧାଜନକ ସ୍ଥିତି ଦେଖି, କେତେକ ଲୋକ ଥଟ୍ଟା କରିଥିଲେ ଓ ମୁଁ ଅସହାୟ ଅନୁଭବ କରିଥିଲି । ଏହା ସତ୍ତ୍ୱେ, ଈଶ୍ୱରଙ୍କ ଅନୁଗ୍ରହରୁ, ମୁଁ ନିରାପଦରେ ଗୃହରେ ପହଞ୍ଚିଥିଲି ଓ ମୋର ସମସ୍ତ ଶକ୍ତିର ସହିତ ବହିଗୁଡ଼ିକୁ ବାଣ୍ଟିବା ଆରମ୍ଭ କରିଥିଲି ।

ସ୍ୱର୍ଗତଃ ଭାଇ.ଏମ୍.ପଲରାଜଙ୍କ ସହାୟତାରେ, ଈଶ୍ୱର ମୋତେ ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' କରେସପଣ୍ଡେସ୍ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ସାମର୍ଥ୍ୟ ଦେଇଥିଲେ । ପରେ, ଆମେ ''ଆହ୍ୱାନର ପ୍ରତିଧ୍ୱନି ନିହିମିୟା ସାଂଧ ବାଇବଲ କଲେଜ ଗୁଡ଼ିକୁ'' ସ୍ଥାପନ କରିଥିଲୁ ।

ହଁ, ମୋର ପ୍ରିୟ ବନ୍ଧୁ, ଏପରି ସମୟ ଥିଲା ଯେତେବେଳେ ମୋତେ ଈଶ୍ୱରଙ୍କର ରାଜ୍ୟ ସକାଶେ ମୋର ପୁରୁଣା ସାଇକେଲକୁ ବିଦାୟ ଦେବାକୁ ପଡ଼ିଥିଲା । ମୋର ପରିବାର ଓ ବନ୍ଧୁମାନେ ଏହାକୁ ଏକ ମୂର୍ଖାମୀ ଓ ଅଜ୍ଞାନତାର କାର୍ଯ୍ୟ ବୋଲି ବିଚାର କରିଥିଲେ ଓ ମୁଁ ସେହି ନିଷ୍ପତ୍ତି ନେଇଥିବାରୁ ଅନେକ ଲଜ୍ଜା ସହ୍ୟ କରିଥିଲି । ମାତ୍ର ଆଜି ଈଶ୍ୱର ତାଙ୍କ ସେବାକାର୍ଯ୍ୟରେ ସହାୟତା ଦେବା ପାଇଁ ଅନେକ ଗାଡ଼ି ଓ କର୍ମଚାରୀମାନଙ୍କୁ ଯୋଗାଇଛନ୍ତି ।

ଏପରି ଏକ ସମୟ ମଧ୍ୟ ଥିଲା, ଯେତେବେଳେ ମୁଁ ମୋର କାନ୍ଧ ଓ ପୃଷ୍ଠ ଉପରେ ସୁସମାଚାର ପତ୍ରିକାଗୁଡ଼ିକୁ ବୋହିଥିଲି, ଏହା ମୋର ଯୌବନ ସମୟରେ ଏକ ଯନ୍ତ୍ରଣାପୂର୍ଣ୍ଣ ଓ ଅପମାନଜନକ ଅନୁଭୂତି ଥିଲା । ମାତ୍ର ଆଜି, ଈଶ୍ୱର ମୋ' ପାଇଁ ଓ ସୁସମାଚାର ପତ୍ରିକା ଓ ସେବାକାର୍ଯ୍ୟର କର୍ମଚାରୀମାନଙ୍କ ପାଇଁ କାର୍ ଓ ମିନିବସ୍‌ଗୁଡ଼ିକୁ ଯୋଗାଇ ଦେଇଛନ୍ତି ।

ପ୍ରିୟ ବନ୍ଧୁ, ଆପଣଙ୍କର ଜୀବନ ଓ ଭବିଷ୍ୟତ୍ ପାଇଁ ମଧ୍ୟ ଈଶ୍ୱରଙ୍କ ନିକଟରେ ଏକ ଅସାଧାରଣ ଯୋଜନା ଅଛି । ଆପଣଙ୍କ ନିକଟରେ ଏପର୍ଯ୍ୟନ୍ତ ସମୟ ଅଛି । ଆପଣ ପ୍ରଭୁଙ୍କର ରାଜ୍ୟ ନିମନ୍ତେ ତାଙ୍କ ନିକଟରେ ଯାହା କିଛି ସମର୍ପଣ କରିବେ, ତାହା ଆଦୌ ବୃଥା ଯିବ ନାହିଁ । ଯୀଶୁ ଖ୍ରୀଷ୍ଟଙ୍କୁ ଆପଣଙ୍କର ଦୃଷ୍ଟାନ୍ତ ଭାବରେ ଗ୍ରହଣ କରନ୍ତୁ ଓ ଏକ ସ୍ୱର୍ଗରାଜ୍ୟ –କୈନ୍ଦ୍ରିକ ଦର୍ଶନ ସହିତ ତାଙ୍କ ସେବାକାର୍ଯ୍ୟରେ କିଛି ମୂଲ୍ୟବାନ୍ ବିଷୟ ବିନିଯୋଗ କରନ୍ତୁ । ଆପଣଙ୍କ ଜୀବନ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ଶେଷ ହେବ ନାହିଁ । ମନେରଖନ୍ତୁ :

କେବଳ ଗୋଟିଏ ମାତ୍ର ଜୀବନ ଅଛି, ଏହା ଅତି ଶୀଘ୍ର ଚାଲିଯିବ, ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଯାହା କରାଯାଇଥିବ, କେବଳ ତାହା ସ୍ଥାୟୀ ହେବ ।

---

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ଆପଣଙ୍କର ସଫଳତା ଅନ୍ୟ କୌଣସି ବ୍ୟକ୍ତି ପାଇଁ ଆଶୀର୍ବାଦରେ ପରିଣତ ହୋଇପାରେ ।

ଆପଣଙ୍କର ପ୍ରାର୍ଥନା ଅନ୍ୟ ବ୍ୟକ୍ତି ପାଇଁ ଦ୍ୱାରଗୁଡ଼ିକୁ ଉନ୍ମୁକ୍ତ କରିପାରେ ।

ଆପଣଙ୍କର ଧୈର୍ଯ୍ୟ ଏପରି ଯେ କୌଣସି ବ୍ୟକ୍ତିକୁ ଶକ୍ତିଯୁକ୍ତ କରିପାରେ ଯିଏ ନୀରବରେ ସଂଘର୍ଷ କରୁଥା'ନ୍ତି ।

ବେଳେବେଳେ, ଆମର ସାକ୍ଷ୍ୟ ସେପରି ଅନ୍ୟ ବ୍ୟକ୍ତି ପାଇଁ ମୁକ୍ତିର ଦ୍ୱାର ସ୍ୱରୂପ ହେବ, ଏଥିପାଇଁ ଈଶ୍ୱର ଆମକୁ ଝଡ଼ ମଧ୍ୟ ଦେଇ ଯିବାର ସୁଯୋଗ ଦିଅନ୍ତି ।

ପାଉଲ ଓ ଶିଲାଙ୍କୁ ସ୍ମରଣ କରନ୍ତୁ । ସେମାନଙ୍କୁ ବନ୍ଦୀ କରାଯାଇ, ବନ୍ଧନରେ ବନ୍ଧା ଯାଇଥିଲା, ମାତ୍ର ସେମାନେ ବିଷାଦଗ୍ରସ୍ତ ହୋଇ ନ ଥିଲେ, ଏହା ପରିବର୍ତ୍ତେ, ସେମାନେ ଉଚ୍ଚ ସ୍ୱରରେ ଆରାଧନା କରିଥିଲେ ।

ବାଇବଲରେ ଲେଖାଯାଇଛି :

''...ପ୍ରାୟ ମଧ୍ୟ ରାତ୍ରରେ ପାଉଲ ଓ ଶୀଲା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ'' (ପ୍ରେରିତ ୧୬:୨୫) ।

ବୁଏତ, ଆପଣଙ୍କର ଚତୁଃପାର୍ଶ୍ୱରେ ଥିବା ଲୋକମାନେ ଭୟ, ମିଥ୍ୟା ଓ ଶୟତାନର କୌଶଳ ଦ୍ୱାରା ଛନ୍ଦି ହୋଇ ରହିଛନ୍ତି ଓ ଆପଣ ଆପଣଙ୍କର ଝଡ଼ ମଧ୍ୟ ଦେଇ ଯିବା ସମୟରେ, ଆପଣଙ୍କର ପ୍ରତିକ୍ରିୟା ଦେଖୁଛନ୍ତି ଓ ଶୁଣୁଛନ୍ତି ।

ସେମାନେ କ'ଣ ଶୁଣୁଛନ୍ତି ?

ସେମାନେ ଆରାଧନା, ବିଶ୍ୱାସ ଓ ବିଜୟର ଧ୍ୱନି ଶୁଣୁଛନ୍ତି କି ?

କିମ୍ବା ସେମାନେ ଭୟ, ଅଭିଯୋଗ ଓ ନୈରାଶ୍ୟର ସ୍ୱର ଶୁଣୁଛନ୍ତି ?

ସେତେବେଳେ ହଠାତ୍ : ''... ଏପରି ମହା ଭୂମିକମ୍ପ ହେଲା ଯେ କାରାଗାରର ଭିତିମୂଳ କମ୍ପିବାକୁ ଲାଗିଲା, ଆଉ ତତ୍କ୍ଷଣାତ୍ ସମସ୍ତ ଦ୍ୱାର ମେଲା ହୋଇଗଲା, ପୁଣି ପ୍ରତ୍ୟେକ ଜଣର ବନ୍ଧନ ଫିଟିଗଲା'' (ପ୍ରେରିତ ୧୬:୨୬) ।

ମୋର ପ୍ରିୟ ଭାଇ ଓ ଭଉଣୀମାନେ, ''ପ୍ରତ୍ୟେକ ଜଣର'' ଶବ୍ଦଟିକୁ ଲକ୍ଷ୍ୟ କରନ୍ତୁ । କେବଳ ପାଉଲ ଓ ଶୀଲା ନୁହଁନ୍ତି, ମାତ୍ର ପ୍ରତ୍ୟେକ ଜଣ ସେମାନଙ୍କର ମୁକ୍ତି ପାଇଥିଲେ ।

ପରିଚିତ ଓ ଅପରିଚିତ, ନିକଟରେ ଥିବା ସମସ୍ତ ବନ୍ଦୀ ମୁକ୍ତିର ଅନୁଭୂତି ପାଇଥିଲେ କାରଣ ଈଶ୍ୱରଙ୍କର ଦୁଇ ଜଣ ଦାସ ଦୁଃଖଭୋଗ ମଧ୍ୟରେ ଉପାସନା କରିବା ମନୋନୀତ କରିଥିଲେ ।

ତାହା ହିଁ ଈଶ୍ୱରଙ୍କ ଅନୁଗ୍ରହର ଶକ୍ତି ଅଟେ । ଆପଣଙ୍କର ଉପାସନା ଏପରି ଏକ ଚାବି କାଠିରେ ପରିଣତ ହୋଇପାରେ ଯାହା ସେହିସବୁ ବନ୍ଧନକୁ ଖୋଲିଦିଏ, ଯେଉଁଗୁଡ଼ିକୁ ଆପଣ ପୂର୍ବରୁ ଆଉ ଦେଖି ନ ପାରନ୍ତି । ଆମେନ୍ !

## ସମସ୍ତଙ୍କ ପାଇଁ ମୁକ୍ତି

ଯୀଶୁ ଖ୍ରୀଷ୍ଟ ଆମ ପ୍ରତ୍ୟେକଙ୍କୁ ତାଙ୍କ ମୁକ୍ତିର ଉପକରଣ ହେବା ପାଇଁ – ଶତ୍ରୁର କୌଶଳ ଯଥା – ପ୍ରତାରଣା, ଭୟ ଓ ଅନ୍ଧକାର ଦ୍ୱାରା ବନ୍ଦୀ ହୋଇଥିବା ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଆହ୍ୱାନ କରିଛନ୍ତି । ଛୋଟ ନୌକାଗୁଡ଼ିକ ଏ ପର୍ଯ୍ୟନ୍ତ ଆମ ଚତୁଃପାର୍ଶ୍ୱରେ ଅଛି । ସେମାନେ ଆଶାର ଅନ୍ୱେଷଣ କରୁଛନ୍ତି । ସେମାନେ ଶାନ୍ତି ଚାହୁଁଛନ୍ତି । ସେମାନେ ଯୀଶୁ ଖ୍ରୀଷ୍ଟଙ୍କର ବାସ୍ତବତା ଦେଖିବାକୁ ଇଚ୍ଛା କରୁଛନ୍ତି ।

ମୁଁ ଓ ଆପଣ ହୁଏତ ସେମାନଙ୍କ ସମ୍ମୁଖରେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରତିଫଳନ ହୋଇପାରୁ ।

କେବଳ ନିଜ ନୌକାରେ ଯୀଶୁ ଖ୍ରୀଷ୍ଟଙ୍କୁ ରଖିବାରେ ସନ୍ତୁଷ୍ଟ ହୁଅନ୍ତୁ ନାହିଁ । ଆପଣଙ୍କ ନିକଟରେ ଥିବା ଛୋଟ ନୌକାଗୁଡ଼ିକ ମଧ୍ୟ ତାଙ୍କୁ ଆବଶ୍ୟକ କରନ୍ତି ।

ଈଶ୍ୱର ଆମକୁ ଆମ ଚତୁଃପାର୍ଶ୍ୱସ୍ଥ ଅଗଣିତ ଲୋକଙ୍କ ନିକଟକୁ ତାଙ୍କର ସ୍ୱାଧୀନତାକୁ ନେଇ ଯିବା ପାଇଁ ସାମର୍ଥ୍ୟ ଦିଅନ୍ତୁ – ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହୁଏତ ଆମେ ଅନନ୍ତକାଳ ପର୍ଯ୍ୟନ୍ତ ସାକ୍ଷାତ୍ କରି ନ ପାରୁ । ଯେଉଁମାନେ ଏପର୍ଯ୍ୟନ୍ତ ସେହି ଛୋଟ ନୌକାଗୁଡ଼ିକ ମଧ୍ୟରେ ଅଛନ୍ତି ଓ ଯୀଶୁ ଖ୍ରୀଷ୍ଟଙ୍କର ଉପସ୍ଥିତି ବିନା ଯାତ୍ରା କରୁଛନ୍ତି, ସେମାନଙ୍କ ନିମନ୍ତେ ପ୍ରକୃତ ସ୍ୱାଧୀନତା ସଂଗ୍ରାମୀ ହେବା ପାଇଁ ଈଶ୍ୱର ଆମକୁ ଆହ୍ୱାନ କରିଛନ୍ତି ।

ଛୋଟ ନୌକାଗୁଡ଼ିକୁ ସ୍ମରଣ କରନ୍ତୁ !

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୪୮),
(୯୧-୯୮୪୧୨୭୧୮୪୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।
ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### *1. Bank : State Bank of India*

| | |
|---|---|
| Branch | : **Triplicane, Chennai-5** |
| Name | : **S. Sam Selva Raj** |
| A/C No. | : **1023 2934 679** |
| IFSC | : **SBIN 00 00 249** |
| SWIFT CODE | : **SBI NIN BB 455** |

### *2. Bank : ICICI Bank*

| | |
|---|---|
| Branch | : **Anna Salai, Chennai-6** |
| Name | : **Echo of His Call** |
| A/C No. | : **6038 0502 2319** |
| IFSC | : **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | |
|---|---|
| Branch | : **Triplicane, Chennai-5** |
| Name | : **Echo of His Call Educational Trust** |
| A/C No. | : **1023 2923 805** |
| IFSC | : **SBIN 00 00 249** |

## OUR QR CODE:

ECHO OF HIS CALL

Scan to pay with any UPI app

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାଖାନା, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA

PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in

Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th AUGUST 2026.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**